## ବୁଗୁଡ଼ାରେ ମାଙ୍କଡ଼ ଆତଙ୍କ, ୩ ଆହତ

**ବୁଗୁଡା,୨୮।୪/ଏନ୍ଏନ୍ଏସ୍:** ବୁଗୁଡ଼ାରେ ଦୁଇ ଦିନ ହେଲା ହନୁ ମାଙ୍କଡ଼ ଆତଙ୍କ ଜାରି ରହିଛି । ଆଜି ଜଣେ ଟ୍ରଲି ଚାଳକକୁ ଉକ୍ତ ହନୁ ମାଙ୍କଡ଼ ଆକ୍ରମଣ କରି ଖଣ୍ଡିଆ ଖାବରା କରିଦେଇଛି । ଆଦିପୁର ଗ୍ରାମର ଟ୍ରଲି ଚାଳକ ନାରାୟଣ ରାଉତ ସବୁ ଦିନ ଭଳି ଆଜି ମଧ୍ୟ ସକାଳେ ତାଙ୍କର ବୃଦ୍ଧା ମାଆକୁ ନିଜ ଟ୍ରଲିରେ ବସାଇ ବୁଗୁଡ଼ା ମେଡିକାଲ ଛକ ନିକଟରେ ଟ୍ରଲି ରଖୁଥିବା ବେଳେ ହଠାତ ଏକ ହନୁ ମାଙ୍କଡ଼ ନାରାୟଣ ଉପରକୁ ଡେଇଁ ପଡି ତାଙ୍କ ମୁହଁ ଓ ଦେହକୁ କାମୁଡି ପକାଇଥିଲା । ସ୍ଥାନୀୟ ଲୋକେ ହୋହାଲ୍ଲା କରି ମାଙ୍କଡ଼ କବଳରୁ ନାରାୟଣକୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲ ନେଇଥିଲେ । ଗତକାଲି ଉକ୍ତ ମାଙ୍କଡ଼ଟି ବ୍ଲକ ଛକର ଟିପୁ ଦାଶଙ୍କ ଗୋଡ଼କୁ କାମୁଡି ରକ୍ତାକ୍ତ କରି ଦେଇଥିବା ବେଳେ ବୁଗୁଡ଼ା ହାଇସ୍କୁଲ ଛକ ନିକଟରେ ପାନ ଦୋକାନ କରିଥିବା ପ୍ରମୋଦ ମିଶ୍ରଙ୍କ କାନକୁ କାମୁଡି ଖଣ୍ଡିଆ କରିଦେଇଛି । ଆଜି ଅପରାହ୍ନରେ ବୁଗୁଡ଼ା ବସଷ୍ଟାଣ୍ଡରେ ଜଣେ ବାଇକ ଆରୋହୀଙ୍କ ମୁଣ୍ଡରେ ଗୁଡ଼ାଇ ଥିବା ଟାୱାଲ ଟାଣି ନେଇ ଆକ୍ରମଣ କରିବାକୁ ଉଦ୍ୟମ କଲା ବେଳେ ଲୋକେ ପାଟି ତୁଣ୍ଡ କରିବାରୁ ଛାଡି ପଳାଇ ଥିଲା । ଆଜି ସକାଳଠାରୁ ବନ ବିଭାଗର ଏକ ଟିମ ଉକ୍ତ ମାଙ୍କଡ଼କୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିଲେ ହେଁ ସଫଳ ହୋଇ ନାହାନ୍ତି କ୍ଷ ଉକ୍ତ ମାଙ୍କଡ଼କୁ ଧରିବା ପାଇଁ ଟ୍ରାଂକୁଲାଇଜର ଟିମ୍ ଡକାଇବା ପାଇଁ ଯୋଜନା କରାଯାଉଥିବା ନେଇ ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କଠାରୁ ପ୍ରକାଶ ପାଇଛି ।

## ଆଦିବାସୀ ମହାସଂଘ ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା



**ଫୁଲବାଣୀ,୨୮।୪/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲାର ସିଜିମାଳି ଖଣି ଅଂଚଳରେ ଆଦିବାସୀ ମାନଙ୍କ ଉପରେ ଅନ୍ୟାୟ ଭାବେ ହୋଇଥିବା ମାନବିଧିକାର ଉଲ୍ଲଂଘନ ତଥା ଅତ୍ୟାଚାର ବିରୋଧରେ ଆଜି କନ୍ଧମାଳ ଜିଲା ଆଦିବାସୀ ମହାସଂଘ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରାରେ ଏକ ପାଂଚ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି । ଏଥି ସହିତ ଆଂଚଳିକ ତିନିଗୋଟି ସମସ୍ୟାକୁ ନେଇ ମଧ୍ୟ ଜିଲାପାଳଙ୍କୁ ଅବଗତ କରାଯାଇ ଏହାର ସମାଧାନ ପାଇଁ ଦାବି କରାଯାଇଛି । ଆଚଳିତ ଦାବି ପ୍ରକାରେ କାଣିବାଲି ବିଦ୍ୟାଳୟର ଛାତ୍ରୀ ଦୁଷ୍କର୍ମ ମାମଲାରେ ଫାଷ୍ଟଟ୍ରାକ କୋର୍ଟ ମାଧ୍ୟରେ ତୁରନ୍ତ ବିଚାର କରବା, ନବୋଦୟ ବିଦ୍ୟାଳୟର ଛାତ୍ର ମୃତ୍ୟୁ ଘଟଣାର ସଠିକ୍ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବନ୍ଦ ରହିଥିବା ଆମ୍ବେଦକର ଛାତ୍ରାବାସକୁ ତୁରନ୍ତ ଚାଲୁ କରିବା ଦାବି କରାଯାଇଛି । କନ୍ଧମାଳ ଜିଲା ଶାଖା ସଭାପତି ମନୋଜ ପ୍ରଧାନଙ୍କ ନେତୃତ୍ୱରେ କୁଇ ସମାଜ ସେବା ସମିତି ସାଧାରଣ ସଂପାଦକ ଅବନୀ କୁମାର କହଁର , ଆଦିବାସୀ ମହାସଂଘର କାର୍ଯ୍ୟକାରି ସଦସ୍ୟ କିଶୋର ଚନ୍ଦ୍ର ଘଙ୍କାଲ, ଫିରିଙ୍ଗିଆ କୁଇ ସମାଜ ସେବା ସମିତି ସଭାପତି ମୁକୁନ୍ଦ କହଁର , ଆଦିବାସୀ ନେତା ଭାସ୍କାର କହଁର, ମିଳିତ ମଂଚ ସଭାପତି ସମୀର ଘଙ୍କାଲ, ନାରୀ ସଂଘ ସଭାନେତ୍ରୀ ସୌଦାମିନୀ କହଁର , ଗୀତାଞ୍ଜଳୀ କହଁର, ସୁନିତା କହଁରଙ୍କ ସମେତ ବହୁ ସଂଖାରେ ଆଦିବାସୀ ନେତାମାନେ ଉପସ୍ଥିତି ଥିଲେ । ଏହି ଅବସରରେ ସଂଘ ପକ୍ଷରୁ ମଧ୍ୟ ଧାରଣା ଦିଆଯାଇ ଅନେକ ବକ୍ତା ବକ୍ତବ୍ୟ ଦେଇଥିଲେ ।

## ବୁଗୁଡ଼ା ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ

**ବୁଗୁଡା,୨୮।୪/ଏନ୍ଏନ୍ଏସ୍:** ବୁଗୁଡ଼ା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ମଧୁବାବୁଙ୍କ ୧୨୮ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇ ଯାଇଛି । ଓକିଲ ସଂଘ ସଭାପତି ମାନସ ରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଜେଏମଏଫସି ବିଚାରପତି ସୁଧାଶ୍ରୀ ସୁରଖଲିଆ, ମୁଖ୍ୟବକ୍ତା ଭାବେ ହିଞ୍ଜିଳିକାଟୁ ଓକିଲ ସଂଘ ସଭାପତି ନିର୍ମଳ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପିପୁଲ୍ସ କଲେଜ ଇତିହାସ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ପ୍ରଦୀପ କୁମାର ଦାଶ ଯୋଗଦେଇ ଓଡ଼ିଆ ଜାତିର ଚିର ଅମ୍ଳାନ ପ୍ରତିଭା ସମ୍ପନ୍ନ ଯଶସ୍ୱୀ ସ୍ୱାଭିମାନୀ ଭୌମିକ ପୁରୁଷ ମଧୁବାବୁଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅତୁଳନୀୟ ଭୂମିକା ସମ୍ପର୍କେ ଆଲୋକପାତ କରିଥିଲେ । ଏଥି ସହ କୋଟି କୋଟି ଓଡିଆଙ୍କ ପ୍ରାଣରେ ଜାତି ପ୍ରେମ ଓ ସ୍ୱଦେଶ ପ୍ରେମ ବହ୍ନି ପ୍ରଜ୍ୱଳିତ କରିଥିବା ସ୍ୱାଭିମାନୀ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏ ଅବସରରେ କୋର୍ଟ ପରିସରସ୍ଥ ମଧୁବାବୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଓକିଲ ସଙ୍କଳ୍ପ ବିକାଶ ମହାନ୍ତି, ୟୁ. ଅରବିନ୍ଦ ପାତ୍ର ଓ ପିଣ୍ଟୁ ବିଶ୍ୱାଳଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଆଇନଜୀବୀ ହର ପ୍ରସାଦ ଦାଶଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସ ରଞ୍ଜନ ହୋତା ପ୍ରାରମ୍ଭିକ ସଙ୍ଗୀତ ଗାନ ଏବଂ ଓକିଲ ସଂଘ ସହସମ୍ପାଦକ ମନୋଜ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛତ୍ରପୁର ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ

**ଛତ୍ରପୁର,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଛତ୍ରପୁର ଓକିଲ ସଙ୍ଘ ପକ୍ଷରୁ ଆଇନଜୀବୀ ଦିବସ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଏଲ. ଗୋପାଳ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ଏଡିଜେ ପ୍ରଦୀପ କୁମାର ସାମଲ, ସବ୍ ଜର୍ଜ ପୂଜା ଦେ, ଏସ୍‌ଡିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ ଓ ଜେଏମ୍‌ଏଫସି ସ୍ୱାଗତିକା ସ୍ୱାଇଁ ଯୋଗଦେଇ ମଧୁବାବୁଙ୍କ ସ୍ତୁତିଚାରଣ ସହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ମଧୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଏଠାରେ ପରାମର୍ଶ ଦିଆଯାଇଥିଲା । ସଂଘର ସମ୍ପାଦକ କେ. ଦୂର୍ଯ୍ୟୋଧନ ରେଡ୍ଡୀ, ସହ ସମ୍ପାଦକ ଅପସରା ଜାନୀ, ଲାଇବ୍ରେରୀ ଏନ୍. ଗୋପୀ, କାର୍ଯ୍ୟକାରୀ ସଦସ୍ୟା ମମତା ସେଠୀ, ବରିଷ୍ଠ ଆଇନ ଜୀବୀ ସୂର୍ଯ୍ୟ ନାରାୟଣ ସାମନ୍ତରାୟ, ଗୋକୁଳ ଚନ୍ଦ୍ର ପଣ୍ଡା, ଦେବେନ୍ଦ୍ର କୁମାର ମିଶ୍ର, ପ୍ରଦୀପ କୁମାର ପାଢ଼ୀ, ରାମକୃଷ୍ଣ ଦାଶଙ୍କ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ । ଏହି ଅବସରରେ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆଇନଜୀବୀ ଭାବେ କାର୍ଯ୍ୟ କରିଥିବା ୭ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଉପସଭାପତି ପ୍ରଦୀପ କୁମାର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

# ଓଡ଼ିଶାବାସୀଙ୍କ ଜୀବିକା ଓ ଭିଟାମାଟିର ସୁରକ୍ଷା ପାଇଁ ଆହ୍ୱାନ



**ବ୍ରହ୍ମପୁର,୨୮।୪/ଏନ୍ଏନ୍ଏସ୍:** ପୂଜ୍ୟ ପୂଜା ସମିତି ପକ୍ଷରୁ ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ଗାନ୍ଧୀନଗର ଛକ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ, ଆଇନଜୀବୀ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବକ୍ତାମାନେ ମଧୁସୂଦନ ଦାସଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଅନ୍ୟତମ ନିର୍ମାତା, ମହାନ୍ ଓଡ଼ିଆ ନେତା ଓ କୁଳବୃଦ୍ଧ ଭାବେ ସ୍ମରଣ କରିଥିଲେ । ସେ ସମଗ୍ର ଭାରତରେ ସ୍ୱଦେଶୀ ଓ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବର୍ତ୍ତକ ଥିବା ସହ ସମାଜ ସୁଧାରରେ ମଧ୍ୟ ଅସାଧାରଣ ଅବଦାନ ରଖିଥିଲେ ବୋଲି ଅତିଥିମାନେ କହିଥିଲେ । ଏହାସହିତ, ବକ୍ତାମାନେ କହିଥିଲେ ଯେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଓଡ଼ିଶାର ଭୌଗଳିକ ସୀମା ନିର୍ଦ୍ଧାରିତ ହୋଇଥିଲେ ମଧ, ଆଜି ଓଡ଼ିଶାବାସୀଙ୍କ ଜୀବିକା ଓ ଭିଟାମାଟି ସୁରକ୍ଷିତ ନୁହେଁ ବୋଲି ସଭାରେ କ୍ଷୋଭ ପ୍ରକାଶ ପାଇଥିଲା । ଲୋକମାନଙ୍କ ଜୀବିକା ଓ ଭିଟାମାଟିର ସୁରକ୍ଷା ପାଇଁ ସମସ୍ତେ ଏକ ହେବାକୁ ଆହ୍ୱାନ କରାଯାଇଥିଲା । ଆଲୋଚନା ସଭାରେ ସମାଜସେବୀ ଆର୍. ସତ୍ୟନାରାୟଣ ରାଓ, କୁଶ ବେହେରା, ସୁରେନ୍ଦ୍ର ନାଥ ପଣ୍ଡା, ବରିଷ୍ଠ ସାମ୍ବାଦିକ ରବି ରଥ, ରାଜେନ୍ଦ୍ର କୁମାର ବିଷୋୟୀ, ବିଜୟ କୁମାର ପାଢ଼ୀ, ମନୋଜ କୁମାର ସାମଲ, ଗଗନ ଚନ୍ଦ୍ର ମଲ୍ଲିକ, ବୃନ୍ଦାବନ ଖଟେଇ, ମନୋରଞ୍ଜନ ମହାରଣା, ମହେଶ୍ୱର ବାଡତ୍ୟା, ଉଜ୍ଜଳେଶ୍ୱର ସାହୁ, ଏସ. ସାମ୍ବଶିବା ରାଓ, ଆପ୍ ନେତା ଆଦିତ୍ୟ ରଥ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ମହମ୍ମଦ ଆସଲମ, ଭଗବାନ ସାହୁ, ସୁବାସ ଚନ୍ଦ୍ର ପଟ୍ଟନାୟକ, ବିଜୟ ଚନ୍ଦ୍ର ନନ୍ଦ ଓ ପ୍ରେମଶିଳା ନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଜବରଦଖଲ ମୁକ୍ତ ହେଲା ସରକାରୀ ଜମି, କୋଠାକୁ ସିଲ୍ କଲା ପ୍ରଶାସନ



**ହିଞ୍ଜିଳିକାଟୁ,୨୮।୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ତହସିଲ ଅଞ୍ଚଳର ପୋଡିଙ୍ଗି ମୌଜାରେ ସରକାରୀ ଜମି ଉପରେ ଅବୈଧ ଦଖଲକୁ ନେଇ ଆଜି ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରାଯାଇଛି । ସରକାରୀ ଜମି ଉପରେ ହୋଇଥିବା ଅବୈଧ ଘର ଦଖଲକୁ ହଟାଇବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟ କରାଯାଇଥିଲା । ତହସିଲ କାର୍ଯ୍ୟାଳୟର ନୋଟିସ ଅନୁସାରେ, ଉକ୍ତ ଜମି ଖାତା ନମ୍ବର ୭୨୫, ପ୍ଲଟ୍ ନମ୍ବର ୧୮୫୭, ମୋଟ ଏରିଆ ୦.୨୦୮ ଏକର (ଘରବାଡ଼ି କିସମ) ଉପରେ ଅବୈଧ ଭାବେ ଦଖଲ ହୋଇଥିବା ଅଭିଯୋଗ ଥିଲା । ଏହି ଜମିଟି ମହିଳା ସମିତି ଗୃହ ପାଇଁ ସଂରକ୍ଷିତ ଥିବା ସତ୍ତ୍ୱେ, ଏଠାରେ ଅବୈଧ ନିର୍ମାଣ କରାଯାଇଥିଲା । ଏହି ସମ୍ବନ୍ଧରେ ମାମଲାଟି ଉଚ୍ଚ ନ୍ୟାୟାଳୟରେ ଚାଲିଥିବା ସହିତ ପ୍ରଶାସନ ପକ୍ଷରୁ ପୂର୍ବରୁ ଅନେକ ନୋଟିସ ଜାରି କରାଯାଇଥିଲା । ପ୍ରଶାସନର ଶେଷ ଚେତାବନୀ ସତ୍ତ୍ୱେ ମଧ ଦଖଲ ହଟାଯାଇନଥିବାରୁ, ଆଜି ତହସିଲଦାରଙ୍କ ନେତୃତ୍ୱରେ ରେଭେନ୍ୟୁ କର୍ମଚାରୀ ଓ ପୁଲିସ ବଳର ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ କରାଯାଇ ସରକାରୀ ଜମିକୁ ଜବରଦଖଲରୁ ମୁକ୍ତ କରାଯାଇଥିଲା । ଅବୈଧ ନିର୍ମାଣ ଘରକୁ ସିଲ କରି ସରକାରୀ ଜିମ୍ମାକୁ ଅଣାଯାଇଥିଲା । ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ କର୍ମଚାରୀ ମୁତୟନ ରହିଥିଲେ । କୌଣସି ପ୍ରକାରର ବିରୋଧ କିମ୍ବା ଅପ୍ରିୟ ଘଟଣା ଘଟିନଥିବା ବିଷୟ ପ୍ରଶାସନ ପକ୍ଷରୁ ଜଣାଯାଇଛି । ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ସରକାରୀ ଜମି ଉପରେ ଅବୈଧ ଦଖଲ ବିରୋଧରେ ଆଗାମୀ ଦିନରେ ମଧ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ । ସ୍ଥାନୀୟ ଲୋକମାନେ ଏହି କାର୍ଯ୍ୟକୁ ସ୍ୱାଗତ କରିଥିବା ବେଳେ କିଛି ଲୋକ ପ୍ରଶାସନଙ୍କୁ ପୂର୍ବରୁ ପୁନର୍ବାସ ବ୍ୟବସ୍ଥା ନେଇ ମଧ ଚିନ୍ତା କରିବାକୁ ଅନୁରୋଧ କରିଛନ୍ତି । ଏହି ସନ୍ଦର୍ଭରେ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଜବରଦଖଲକାରୀମାନେ ଆଇନ ଅନୁଯାୟୀ କୌଣସି ପୁନର୍ବାସ ବ୍ୟବସ୍ଥା ପାଇଁ ଯୋଗ୍ୟ ନୁହନ୍ତି । ଏହି କାରଣରୁ ଉଚ୍ଛେଦ କାର୍ଯ୍ୟ ସମୟରେ ପୁନର୍ବାସ ସୁବିଧା ପ୍ରଦାନ କରାଯାଇନଥିଲା । ଏହି ପରିସ୍ଥିତିରେ, ଉକ୍ତ ଘରଟି ମହିଳା ସମିତି ଗୃହ ଭାବେ ବ୍ୟବହୃତ ହେବ ବୋଲି ପୋଡିଙ୍ଗି ଗ୍ରାମବାସୀଙ୍କ ମଧ୍ୟରେ ଆଶା ଓ ବିଶ୍ୱାସ ପ୍ରକାଶ ପାଇଛି । ସରକାରୀ ଜମି ସୁରକ୍ଷା ନେଇ ପ୍ରଶାସନ ଅଧିକ ସଚେତନ ହୋଇଥିବା ପ୍ରକାଶ ପାଇଛି ।

## ଶହେ ଫୁଟ୍ ଉଚ୍ଚରେ ଉଡ଼ିଲା ତ୍ରିରଙ୍ଗା





**ଫୁଲବାଣୀ,୨୮।୪/ଏନ୍ଏନ୍ଏସ୍:** ଶହେ ଫୁଟ ଉଚ୍ଚର ସ୍ତମ୍ଭରେ ଉଡିଲା ଜାତୀୟ ପତାକା । ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଆଜି ଏହି ଭବ୍ୟ ତ୍ରିରଙ୍ଗା ସ୍ତମ୍ଭକୁ ଉଦଘାଟନ କରିଛନ୍ତି ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ । ଏହି ଜାତୀୟ ପତାକା ସହରର ସୌନ୍ଦର୍ଯ୍ୟ ବଢାଇବା ସହିତ ଲୋକଙ୍କ ମଧରେ ରାଷ୍ଟ୍ରପ୍ରେମ ଜାଗ୍ରତ କରିବ ବୋଲି ଏହି ଅବସରରେ କହିଛନ୍ତି ବିଧାୟକ । ଫୁଲବାଣୀ ପୌରାଧକ୍ଷା ପାୟେଲ ବେହେରା ଓ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତିଙ୍କ ପ୍ରଚେଷ୍ଟାରେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ସୁଦୃଶ୍ୟ ସ୍ତମ୍ଭ ନିର୍ମାଣ କରାଯାଇଛି । ୧୦୦ ଫୁଟ ଉଚ୍ଚରେ ଉଡା ଯାଇଛି ୩୦/୧୫ ଫୁଟର ଜାତୀୟ ପତାକା । ସହରର ପ୍ରମୁଖ ଛକରେ ସ୍ଥାପିତ ହୋଇ ଥିବାରୁ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି କହିଛନ୍ତି ନିର୍ବାହୀ ଅଧିକାରୀ ଶ୍ରୀ ମହାନ୍ତି । ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ, କାଉନସିଲର ରମେଶ ମହାନ୍ତି, ରାଜେନ୍ଦ୍ର ପାଢ଼ୀ, ମୃତ୍ୟୁଞ୍ଜୟ ପେରାଙ୍କ ସମେତ ସମସ୍ତ କାଉନସିଲର, ପୌର କାର୍ଯ୍ୟାଳୟ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

## ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ

**ଆସିକା,୨୮।୪/ଏନ୍ଏନ୍ଏସ୍:** ଆସିକା ଓକିଲ ସଂଘ ପକ୍ଷରୁ ଓଡିଆ ଅସ୍ମିତା ସ୍ୱାଭିମାନର ପ୍ରତୀକ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ବରେଣ୍ୟ କର୍ଣ୍ଣଧାର କୁଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଏହି ଅବସରରେ ବହୁବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓକିଲ ସଂଘ କାର୍ଯ୍ୟାଳୟ ନିକଟରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ତଥା ବିନମ୍ର ପ୍ରଣତି ଜ୍ଞାପନ କରାଯାଇଥିଲା ।



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ତଥା ଆସିକା ଓକିଲ ସଂଘର ସଭାପତି ଛବିଳରାମ ମିଶ୍ର, ସଂପାଦକ ଚିତ୍ତରଂଜନ ଦାଶ, ଉପସଭାପତି ଜି.ସୂର୍ଯ୍ୟପ୍ରକାଶ ରାଓ, ଯୁଗ୍ମ ସଂପାଦକ ଅଜିତ୍ କୁମାର ମୁନି, କୋଷାଧକ୍ଷ ରାଘବ କୁମାର ନାହାକ, ବରିଷ୍ଠ ଆଇନଜୀବୀ ସରୋଜ କୁମାର ତ୍ରିପାଠୀ, ସୁରେନ୍ଦ୍ରନାଥ ପଣ୍ଡା, ଅଜିତ୍ କୁମାର ଚୌଧୁରୀ, ଲଳିତ ମୋହନ ଦାଶ, ଦିଲୀପ କୁମାର ପାଣିଗ୍ରାହୀ, ଦ୍ୱାରିକାନାଥ ପରିଡା, ମାନସପୂର୍ଣ୍ଣ ଆଚାର୍ଯ୍ୟ, ମାନସ ରଂଜନ ଗୌଡ, ବିଦେଶୀ ନାହାକ, ମହେଶ୍ୱର ବେହେରା, ମନୋରଂଜନ ନାହାକ, ଭି.ଖୋଖନ୍ ରାଓଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା ।

## ସ୍ୱଚ୍ଛ ଭାରତରେ ସାମିଲ ହେଲେ ଖାଜିପଲ୍ଲୀ ଗ୍ରାମବାସୀ



**ପୁରୁଷୋତ୍ତମପୁର,୨୮।୪/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସାମିଲ ହେଲେ କେଏନପୁର ପଞ୍ଚାୟତର ଖାଜିପଲ୍ଲୀ ଗ୍ରାମବାସୀ । ଗ୍ରାମବାସୀ 'ସ୍ୱଚ୍ଛତା ହିଁ ସେବା' ନାରା ଦେବା ସହ ଗ୍ରାମ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଗ୍ରାମରେ ଆଗକୁ ନୃସିଂହ ଯାତ୍ରା ଥିବାରୁ ଆଖପାଖ ପଞ୍ଚାୟତରୁ ଲୋକମାନେ ଆସିବା କାର୍ଯ୍ୟକ୍ରମ ରହିଛି । ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ନ କରିବା ପାଇଁ ସମସ୍ତେ ନିଷ୍ପତ୍ତି ନେବା ସହ ଗ୍ରାମର ଚତୁଃପାର୍ଶ୍ୱରେ ଜମି ରହିଥିବା ଅଳିଆ ଆବର୍ଜନା ସଫା କରିଥିଲେ । ନାଳ, ନର୍ଦ୍ଦମା, ଗ୍ରାମ କୋଠଘର, ମନ୍ଦିରଚତୁପାର୍ଶ୍ୱ ସଫା ସୁତୁରା କରିବା ସହ ପାଣି ଯମୁଥିବା ସ୍ଥାନରେ ବ୍ଲିଚିଙ୍ଗ ପାଉଡର ପକାଇଥିଲେ । ଆବର୍ଜନାଗୁଡିକୁ ନିଆଁ ଲଗାଇ ପୋଡି ଦିଆଯାଇଥିଲା । ମହିଳା ସରପଞ୍ଚ ରାଜଲକ୍ଷ୍ମୀ ବେହେରା ଓ ସମିତି ସଭ୍ୟା ଶାରଳା ବେହେରାଙ୍କ ନେତୃତ୍ୱ ଏବଂ ସମାଜସେବୀ ଏନ୍. ରାମଚନ୍ଦ୍ର ରେଡୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଫେଇ କାର୍ଯ୍ୟରେ ୱାର୍ଡ ମେମ୍ବର ଝଡିଆ ବେହେରା, ପଞ୍ଚାୟତ ଅଧିକାରୀ ଚନ୍ଦ୍ର ଶେଖର ଖିଲ, ପୁରୁଷୋତ୍ତମପୁର ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଯନ୍ତ୍ରୀ ନର୍ମଦା ପାତ୍ର, ସହଯୋଗୀ ଶିଶିର ରାଉଳ, ଯୁବଗୋଷ୍ଠୀ, ମହିଳା ଗୋଷ୍ଠୀ, ଏମ୍‌ବିକେ, ସିଆରପି, ୱାର୍ଡ ସଭ୍ୟ ଭାଗିରଥି ଗୌଡ଼, ଦୁଃଖିଶ୍ୟାମ ମୁଦୁଲି, ମାମୀ ବେହେରା, ସୁମିତ୍ରା ନାୟକ, ସତ୍ୟ ବେହେରା, ସ୍ୱାସ୍ଥ୍ୟ କର୍ମଚାରୀ, ଆଶା, ଅଙ୍ଗନୱାଡି କର୍ମୀ ପ୍ରମୁଖ ସାମିଲ ହୋଇଥିଲେ ।

## ଗଞ୍ଜାମ ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ଛତ୍ରପୁର,୨୮।୪/ଏନ୍ଏନ୍ଏସ୍:** ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସଚ୍ଚିଦାନନ୍ଦ ନାୟକ,(୨୦୦୦ ବ୍ୟାଚ)ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଏଠାରେ ଅତିରିକ୍ତ ଜିଲ୍ଲାପାଳ ଥିବା ପ୍ରମୋଦ କୁମାର ପୃଷ୍ଟିଙ୍କୁ ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେ ପୂର୍ବରୁ ଗଞ୍ଜାମ, ଗଜପତି ଓ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟ କରି ଆସିଛନ୍ତି । ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ରହିଛି । ଶାନ୍ତି ଶୃଙ୍ଖଳା ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତଙ୍କୁ ନେଇ ମିଳିମିଶି କାମ କରିବା ପାଇଁ ଶ୍ରୀ ନାୟକ କହିଥିଲେ । ଏହା ସହ ଅତିରିକ୍ତ ଉପ ଜିଲ୍ଲାପାଳ ଛତ୍ରପୁର, ଛତ୍ରପୁର ବିଡ଼ିଓ, ଏମକେସିଜି ବ୍ରହ୍ମପୁର ପ୍ରଶାସନିକ ଅଧିକାରୀ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ତୁଲାଇ ଗଞ୍ଜାମ ଜିଲ୍ଲା ଓ ଛତ୍ରପୁର ଅଞ୍ଚଳର ବିକାଶ ପାଇଁ ତାଙ୍କର ଉଦ୍ୟମ ଅତୁଳନୀୟ ରହିଛି । ଏହି ଅବସରରେ ଛତ୍ରପୁର ପ୍ରେସ୍ କ୍ଲବ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ବେଳେ ପ୍ରେସ କ୍ଲବ ସଭାପତି ସରୋଜ ସାମଲ, ସାଧାରଣ ସମ୍ପାଦକ ଅଜିତ ସ୍ୱାଇଁ, କୋଷାଧକ୍ଷ କ୍ଷିରୋଦ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ମିଶ୍ର, ସୁଧିର କୁମାର ନାହାକ, ଦେବବ୍ରତ ପଣ୍ଡା, ସୂର୍ଯ୍ୟାଂଶୁ, ପ୍ରକାଶ ଧଳ ଓ କେ. ସତ୍ୟନାରାୟଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରଜପାତରେ ମହିଳା ମୃତ

**ରଙ୍ଗେଇଲୁଣ୍ଡା,୨୮।୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଦାସପୁରୁ ଗ୍ରାମ ଗୁଡ଼ିଆସାହିରେ ବ୍ରଜପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣଙ୍କ ଉକ୍ତ ଗ୍ରାମର ସୁକୁଟୀ ବେହେରା (୪୭) ବୋଲି ଜଣାପଡିଛି । ଆଜି ସନ୍ଧ୍ୟାରେ ହଠାତ୍ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ବୋହିବା ସହ ଘଡଘଡି ଓ ବିଜୁଳି ମାରିଥିଲା । ଏହି ସମୟରେ ସୁକୁଟୀ ନିଜ ଘରର ବାରିପଟରେ ଘରୋଇ କାମ କରୁଥିଲେ । ଘର ନିକଟରେ ହଠାତ୍ ବ୍ରଜପାତ ଘଟି ପ୍ରଚଣ୍ଡ ଶବ୍ଦରେ ଘଡ଼ଘଡ଼ି ମାରିଥିଲା । ସୁକୁଟୀ ଘଡ଼ଘଡ଼ିର ଶବ୍ଦରେ ଘରର ଦ୍ୱାର ମୁହଁରେ ଅଚେତ୍ ହୋଇ ତଳେ ପଡିଯାଇଥିଲେ । ଅଚେତ୍ ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଭାଗରେ ଜାତୀୟ ପାଠଚକ୍ର

**ବ୍ରହ୍ମପୁର,୨୮।୪/ଏନ୍ଏନ୍ଏସ୍:** ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟର ଭୁତତ୍ତ୍ୱ ବିଭାଗରେ ଦ୍ୱିଦିବସୀୟ ଜାତୀୟ ପାଠଚକ୍ର ଉଦ୍‌ଘାଟିତ ହୋଇଯାଇଛି । କୁଳପତି ପ୍ରଫେସର ଅସୀମା ସାହୁଙ୍କ ପ୍ରେରଣାରେ ଆୟୋଜିତ 'ଭୁ ବିଜ୍ଞାନର ଆଦ୍ୟତନ ଧାରା' ଶୀର୍ଷକ ଏହି ପାଠଚକ୍ର ଆୟୋଜିତ ହୋଇଥିଲା । ଉଦ୍‌ଘାଟନୀ ଅଧିବେଶନରେ ବିଭାଗୀ ମୁଖ୍ୟ ତଥା ସ୍ନାତକୋତ୍ତର ପରିଷଦ ଅଧକ୍ଷ ଡ. ମନୋଜ କୁମାର ପଟନାୟକ ପାଠଚକ୍ର ସମ୍ପର୍କରେ ସୂଚନା ଦେବା ସହ ଭୁବିଜ୍ଞାନର ଧାରା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଡ. ରଜତ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଭୁ ବିଜ୍ଞାନୀ ତଥା ବିଶିଷ୍ଟ ଜ୍ୟୋତିର୍ବିଦ ଡ. ମାୟାଧର ସାହୁ




ବିଶ୍ୱବିଦ୍ୟାଳୟର ଭୁତତ୍ତ୍ୱ ବିଭାଗର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଆଦିକବି ନାନ୍ନୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଏମ୍ ଜଗନ୍ନାଥ ରାଓ ଆତ୍ମବିଶ୍ୱାସ, ଯୋଗାଯୋଗରେ ଦକ୍ଷତା ଓ ନିଷ୍ଠାପରତା ବଳରେ ସଫଳତା ପାଇବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଆଇଏମଏମଟି ଭୁବନେଶ୍ୱରର ପ୍ରାକ୍ତନ ମୁଖ୍ୟ ବୈଜ୍ଞାନିକ ଡ. ଡି. ଶ୍ରୀନିବାସ ରାଓ, କୁଳପତି ପ୍ରଫେସର ଅସୀମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ପାଠଚକ୍ର ପ୍ରବନ୍ଧ ସଂକଳନ "ରିସେଣ୍ଟ ଟ୍ରେଣ୍ଡସ୍ ଇନ୍ ଜିଓସାଇନ୍ସ" ଉନ୍ମୋଚିତ ହୋଇଥିଲା । ପ୍ରଫେସର ମାନେ ନିଜ ପ୍ରବନ୍ଧ ଉପସ୍ଥାପନା କରିଥିଲେ । ପାଠଚକ୍ର ପରିଚାଳନାରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ଆସିକା ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ

# ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ ଥିଲେ ଉତ୍କଳଗୌରବ ମଧୁବାବୁ



**ଆସିକା,୨୮।୪/ଏନ୍ଏନ୍ଏସ୍:** ଆସିକା ଓକିଲ ସଂଘ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ପୁଣ୍ୟ ଜନ୍ମତିଥି ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ଆସିକା ଓକିଲ ସଂଘର ସଭାପତି ଛବିଳରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ଚିତ୍ତରଂଜନ ଦାଶ, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ରନାଥ ପଣ୍ଡା, ରବିନ୍ଦ୍ରନାଥ ଶର୍ମା, ପଞ୍ଚାନନ ପୋଲାଇ, ଲଳିତ ମୋହନ ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଆଇନଜୀବୀ ଦିବସ ପାଳନର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ । ଉତ୍କଳ ଗୌରବ ମଧୁବାବୁଙ୍କ ଜୀବନୀ ଓ ଆଦର୍ଶ ତଥା ଓଡିଆଙ୍କ ପ୍ରତି ତାଙ୍କ ଶ୍ରଦ୍ଧା ଓ ସମ୍ମାନ ବିଷୟରେ ବହୁଶିକ୍ଷଣୀୟ ସୂଚନା ପ୍ରଦାନ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତ୍ୟାଗ, ନିଷ୍ଠା ଓ ସାଧନା ଯୋଗୁଁ ଆଜି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରିଥିଲେ । ଜାତିର ସ୍ୱାଭିମାନର ପ୍ରତୀକ ଥିଲେ ମଧୁସୂଦନ ଦାଶ । ସେ ସମସ୍ତ କ୍ଷେତ୍ରରେ ଥିଲେ ପ୍ରଥମ । ପ୍ରଥମ ଓଡିଆ ଗ୍ରାଜୁଏଟ୍ ଠାରୁ ଆରମ୍ଭ କରି ପ୍ରଥମ ଏମ୍‌ଏ, ପ୍ରଥମ ବିଲାତ ଯାତ୍ରୀ, ପ୍ରଥମ ଏଲ୍‌ଏଲ୍‌ବି, ବିହାର-ଓଡିଶା ବିଧାନସଭାର ସଦସ୍ୟ ଭାବେ ମଧୁବାବୁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ନୀତି ଓ ଆଦର୍ଶକୁ ଜୀବନରେ ଉପଯୋଗ କରିପାରିଲେ ମଧୁବାବୁଙ୍କ ପାଇଁ ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳୀ ହେବ ବୋଲି କହିଥିଲେ । ଏହି ଅବସରରେ ଓକିଲ ସଂଘର ବରିଷ୍ଠ ସଦସ୍ୟ ଇ.ଅନନ୍ତ ଶୟନମ୍‌ଙ୍କ ସମେତ ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ଶର୍ମା, ଭାସ୍କର ସ୍ୱାଇଁ, ପଞ୍ଚାନନ ପୋଲାଇ, ଅରୁଣ କୁମାର ପଣ୍ଡା, ଲଳିତ ମୋହନ ଦାଶ, କାଳୀଚରଣ ଦାଶ, ପ୍ରସନ୍ନ କୁମାର ବିଷୋୟୀ, ଇନ୍ଦ୍ରମୋହନ ସ୍ୱାଇଁଙ୍କୁ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଓକିଲସଂଘର ଓକିଲ ସଂଘର ଉପସଭାପତି ଜି.ସୂର୍ଯ୍ୟପ୍ରକାଶ ରାଓ, ଯୁଗ୍ମ ସଂପାଦକ ଅଜିତ୍ କୁମାର ମୁନି, କୋଷାଧକ୍ଷ ରାଘବ କୁମାର ନାହାକ, ବରିଷ୍ଠ ଆଇନଜୀବୀ ସରୋଜ କୁମାର ତ୍ରିପାଠୀ, ଶରତେନ୍ଦୁ ପଣ୍ଡା, ନଚିକେତା ସ୍ୱାଇଁ, ଦିଲୀପ କୁମାର ପାଣିଗ୍ରାହୀ, ବିଦେଶୀ ନାହାକ, ଦ୍ୱାରିକାନାଥ ପରିଡା, ମାନସପୂର୍ଣ୍ଣ ଆଚାର୍ଯ୍ୟ, ମାନସ ରଂଜନ ଗୌଡ, ଶିବଶଙ୍କର ମହାନ୍ତି, ଅଜିତ୍ କୁମାର ଚୌଧୁରୀ, ପି.ରବିନ୍ଦ୍ କୁମାର ପାତ୍ର, ନାରାୟଣ ବେହେରା, କେ.ବ୍ରହ୍ମାନନ୍ଦ ରାଓ, ଶିବଶଙ୍କର ମହାନ୍ତି, ପି.ଶିବଶଙ୍କର ପାତ୍ର, ମହେନ୍ଦ୍ର କୁମାର ସ୍ୱାଇଁ, ଶିବପ୍ରସାଦ ମହାପାତ୍ର, ସୁଧାଂଶୁ କୁମାର ପାଣିଗ୍ରାହୀ, ମନୋରଂଜନ ନାହାକ, ପ୍ରିୟାଂଶୁ ଶେଖର ପରିଡା, ସନ୍ତୋଷ କୁମାର ମିଶ୍ର, ଭି.ଖୋକନ୍ ରାଓ, ପ୍ରଶାନ୍ତ କୁମାର ଚର୍ଚ୍ଚିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

ଶିଶୁ କଲ୍ୟାଣ କମିଟିର ପୁନର୍ଗଠନ

## ନୂତନ କମିଟି ସଦସ୍ୟଙ୍କ ଦାୟିତ୍ୱଗ୍ରହଣ



**ବାରିପଦା,୨୮।୪/ଏନ୍‌ଏନ୍‌ଏସ୍‌:** ଜିଲ୍ଲାରେ ଶିଶୁ ସୁରକ୍ଷା ଓ କଲ୍ୟାଣକୁ ଅଧିକ ସକ୍ରିୟ କରିବା ପାଇଁ ଶିଶୁ କଲ୍ୟାଣ କମିଟିର ପୁନର୍ଗଠନ କରାଯାଇଛି । ଏହି ଅବସରରେ ନୂତନ କମିଟି ସଦସ୍ୟମାନେ ଦାୟିତ୍ୱଗ୍ରହଣ କରିଥିବାବେଳେ ଏକ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ନୂତନ କମିଟିର ଅଧ୍ୟକ୍ଷାଭାବେ ଭାସ୍ୱତୀ ବାରିକ, ସଦସ୍ୟ ଭାବେ ରଞ୍ଜିତା ପଣ୍ଡା, ସୁମିତ୍ରା ସ୍ୱାଇଁ, ସୁରଥ କୁମାର ପଟ୍ଟନାୟକ ଓ ଗିରିଜା ଶଙ୍କର ରାଉତ ନିଯୁକ୍ତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନୂତନ କମିଟିକୁ ଶୁଭେଚ୍ଛା ଜଣାଇଥିଲେ । ଶିଶୁଙ୍କ ସୁରକ୍ଷା, ପୁନର୍ବାସନ, ଶିକ୍ଷା ଓ ଅଧିକାର ସୁନିଶ୍ଚିତ କରିବାରେ ଏହି କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମତପ୍ରକାଶ ପାଇଥିଲା । ଶିଶୁଙ୍କ ସମସ୍ୟାର ତ୍ୱରିତ ସମାଧାନ, ସୁରକ୍ଷିତ ପରିବେଶ ଓ ସଚେତନତା ବୃଦ୍ଧି ପାଇଁ କମିଟି ସଦା ପ୍ରତିବଦ୍ଧ ରହିବ ବୋଲି ନୂତନ ଅଧ୍ୟକ୍ଷା ଭାସ୍ୱତୀ ବାରିକ୍ କହିଥିଲେ ।

# ଲୋକଙ୍କ କାମରେ ଲାଗୁନି ବସୁଧା ଯୋଜନା ପ୍ରକଳ୍ପ

ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ

**ଭଣ୍ଡାରିପୋଖରୀ,୨୮।୪/ଏନ୍‌ଏନ୍‌ଏସ୍‌:** ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲାଗି ରାଜ୍ୟ ସରକାର ୨୦୧୮ ମସିହାରେ 'ବସୁଧା ଯୋଜନା' ଆରମ୍ଭ କରିଥିଲେ । ଏହି ପ୍ରକଳ୍ପ ଗ୍ରାମାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ଯୋଜନା ପ୍ରସ୍ତୁତ କରିଥିବାବେଳେ ୨୦୨୬ ଏପ୍ରିଲ୍ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରିନି । ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହିତ ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏପରି ଦୃଷ୍ଟାନ୍ତ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍‌ରେ ଦେଖିବାକୁ ମିଳିଛି । ଭଣ୍ଡାରିପୋଖରୀ ବ୍ଲକ୍‌ର ୨୩ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟଜଳ ଯୋଗାଣ ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କାରେ ଉକ୍ତ ପ୍ରକଳ୍ପ ନିର୍ମାଣ ହୋଇଛି ସତ କିନ୍ତୁ ବିଭିନ୍ନ ଗ୍ରାମରେ ଜଳଯୋଗାଣ ଆରମ୍ଭରୁ କେଉଁଠିନା କେଉଁଠି ଜଳ ଯୋଗାଇବା କ୍ଷେତ୍ରରେ ଫେଲ୍ ମାରିଛି । ଉକ୍ତ ପ୍ରକଳ୍ପ କେବଳ ପାଇପ୍ ଲାଇନ୍ ବିଛା, ଟାଙ୍କି ଗଢ଼ା ଓ ଘର ତୋଳାରେ ସୀମିତ ରହିଯାଇଛି ।

ଭଣ୍ଡାରିପୋଖରୀ ବ୍ଲକ୍‌ର ଆଖୁଆପଦା ବୈତରଣୀ ଆନିକଟ ସମେତ ସଦର ମହକୁମାରେ ବୟାବନାପୁର ପଞ୍ଚାୟତର ଚନ୍ଦ୍ରଭାନୁପୁର ଗ୍ରାମରେ ପାଣି ଟାଙ୍କି କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଛି ସତ କିନ୍ତୁ ବାସ୍ତବ ଚିତ୍ର ଅଲଗା । ଦୁଃଖର ବିଷୟ ଗ୍ରୀଷ୍ମ ଋତୁ ଆରମ୍ଭରୁ କିଛି ପଞ୍ଚାୟତରେ ଯଥା ଦକ୍ଷିଣବାଡ଼, ବୟାବନାପୁର, ସରସଦା ଓ ରାମଚନ୍ଦ୍ରପୁର ଭଳି ଅଞ୍ଚଳରେ ନଳକୂପ ଗୁଡ଼ିକରୁ ପାଣି ଠିକ୍ ଭାବେ ବାହାରୁନଥିବା



ଘଟଣା ଦେଖିବାକୁ ମିଳିଛି । ବୟାବନାପୁର ପଞ୍ଚାୟତର ଚନ୍ଦ୍ରଭାନୁପୁର ଗ୍ରାମର ମେଗା ପ୍ରକଳ୍ପ ପାଣି ଟାଙ୍କିରୁ ସେଡି ପାହାଚରେ ଲାଗିଥିବା ଆଇରନ୍ ପାଇପ୍ ରେଲିଙ୍ଗ ବାଡ଼ା ଗୁଡ଼ିକ ଦୁର୍ବୃତ୍ତମାନେ କଟର୍ ମେସିନ୍ ମାଧମରେ କାଟି ନେଇଗଲେଣି । ପ୍ରକଳ୍ପ ପରିଚାଳନା ଦାୟିତ୍ୱ ନେଇଥିବା କମ୍ପାନୀ ଓ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଅଧିକାରୀମାନେ ଏହା ଉପରେ ଦୃଷ୍ଟି ଦେଉନାହାନ୍ତି । ଦିନକୁଦିନ ଖରା ବଢୁଥିବାବେଳେ ପ୍ରଶାସନିକ ସ୍ଥାଣୁତା ଯୋଗୁ ଜନସାଧାରଣଙ୍କ ନିକଟରେ ପାନୀୟଜଳ ଯୋଗାଇବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ କିପରି ପାଇପ୍‌ଲାଇନ୍ ଯୋଗେ ଜଳଯୋଗାଣ ପାଇପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ଦାବି କରିଛନ୍ତି ।

## ରାଜ୍ୟ ମହିଳା କମିଶନ୍‌ଙ୍କ ଅଦାଲତ ଶିବିର



**ବାରିପଦା,୨୮।୪/ଏନ୍‌ଏନ୍‌ଏସ୍‌:** ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓଡ଼ିଶା ରାଜ୍ୟ ମହିଳା କମିଶନ୍‌ଙ୍କ ପକ୍ଷରୁ ଏକ ଅଦାଲତ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ବିଭିନ୍ନ ପାରିବାରିକ ଓ ସାମାଜିକ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରୟାସ କରାଯାଇଛି । ରାଜ୍ୟ ମହିଳା କମିଶନ୍ ଅଧ୍ୟକ୍ଷା ଶୋଭନା ମହାନ୍ତି ଏହି ଶିବିରରେ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳାଙ୍କ ଅଭିଯୋଗର ଶୁଣାଣି କରିଥିଲେ । ଏହି ଅସ୍ଥାୟୀ କ୍ୟାମ୍ପ କୋର୍ଟରେ ମୋଟ୍ ୧୦ଟି ମାମଲାର ବିଚାର କରାଯାଇଥିଲା । ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ନିଜେ ଉଭୟପକ୍ଷଙ୍କ ଯୁକ୍ତି ଶୁଣିବା ସହ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଅନେକ ମାମଲାର ଆପୋଷ ସମାଧାନ ପାଇଁ ପରାମର୍ଶ ଦେଇଥିଲେ । ମହିଳାଙ୍କୁ ନ୍ୟାୟିକ ପ୍ରକ୍ରିୟାରେ ସମସ୍ତ ପ୍ରକାର ସହଯୋଗ ଯୋଗାଇବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସବିତା ମାଝୀ, ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ଏହି ଶିବିର ମାଧ୍ୟମରେ ଦୂରଦୂରାନ୍ତରୁ ଆସିଥିବା ମହିଳାମାନେ ନିଜ ସମସ୍ୟାର ସମାଧାନ ପାଇଁ ଏକ ସୁବିଧାଜନକ ପ୍ଲାଟ୍‌ଫର୍ମ ପାଇପାରିଛନ୍ତି । ବିଶେଷକରି ପାରିବାରିକ କଳହ ଓ ନିର୍ଯାତନା ଭଳି ସମ୍ବେଦନଶୀଳ ମାମଲା ଗୁଡ଼ିକର ତୁରନ୍ତ ସମାଧାନ ଉପରେ କମିଶନ୍ ଗୁରୁତ୍ୱାରୋପ କରିଥିଲେ ।

## ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି ବୈଠକ

**ବାଲେଶ୍ୱର,୨୮।୪/ଏନ୍‌ଏନ୍‌ଏସ୍‌:** ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି (ରବି) ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁଭାଷିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ସୋରୋ ବିଧାୟକ ମାଧବ ଧଡ଼ା ଓ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ସହିତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଦୁଇ ଉପଜିଲ୍ଲାପାଳ ତଥା ଆର୍‌ଏମ୍‌ସି ଚେୟାରମ୍ୟାନ୍, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଡିଆର୍‌ସିଏସ୍, ଡିଭିଜନାଲ୍ ମ୍ୟାନେଜର୍, ଏଫ୍‌ସିଆଇ, ସେକ୍ରେଟାରୀ ଜିଲ୍ଲା କୋ-ଅପରେଟିଭ୍



ବ୍ୟାଙ୍କ୍, ସହକାରୀ କମିଶନର୍ ସିଟିଜିଏସ୍‌ଟି, ଡିଏସ୍‌ଡବ୍ଲ୍ୟୁଓଙ୍କ ସମେତ ଅନ୍ୟ ଅଧିକାରୀ ଓ ମିଲର୍ ଉପସ୍ଥିତ ଥିଲେ । ପରେ ସମସ୍ତ ସଦସ୍ୟଙ୍କ ସହମତିକ୍ରମେ ଏଜେଣ୍ଡା ଅନୁସାରେ ଆଲୋଚନା ଆରମ୍ଭ ହୋଇଥିଲା । ମୁଖ୍ୟ ଯୋଗାଣ ଅଧିକାରୀ ସ୍ମିତା ନାୟକ ବିଗତ ବର୍ଷର ଖରିଫ ଓ ରବି ଧାନ କ୍ରୟ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟପଟେ ମଣ୍ଡି ପାଇଁ ଜଣେ ନୋଡାଲ୍ ଅଫିସର୍ ଓ ୪ରୁ ୫ ମଣ୍ଡି ପାଇଁ ଜଣେ ସୁପରଭାଇଜିଙ୍ଗ ଅଫିସର୍ ନିଯୁକ୍ତ କରାଯିବ ଯେଉଁମାନେ ଧାନ କ୍ରୟ ପ୍ରକ୍ରିୟା ତଦାରଖ କରିବେ ଓ ଚାଷୀଙ୍କ ଅସୁବିଧା ସମାଧାନ କରିବେ । ଜଳେଶ୍ୱର ଓ ଭୋଗରାଇ ଅଞ୍ଚଳର ୮ଟି ଅନ୍ତର୍ରାଜ୍ୟ ସଂଯୋଗ ସ୍ଥଳ (ଲକ୍ଷ୍ମଣନାଥ ରୋଡ୍, ଆମ୍ବିଲିଅଠା, ଚୁଡ଼ାମଣିପୁର, ମଙ୍କଡ଼ିଆ, ଅଗ୍ରୱାଲ ଛକ, ଖଇର୍ଦା, କଖଡ଼ ଓ ଉଦୟପୁର-ତାଳସାରି ସୀମା) ସିଲ୍ କରାଯିବ । ପୁଲିସ୍, ବଜାର ନିୟନ୍ତ୍ରକ କମିଟି ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ନେଇ ଏନଫର୍ସମେଣ୍ଟ ଟିମ୍ ଗଠନ କରାଯିବ ଏବଂ ସେମାନଙ୍କୁ ସିସିଟିଭି ସହିତ ୪ ଚକିଆ ଗାଡ଼ି ପ୍ରଦାନ କରାଯିବ । ଧାନ ପରିବହନ କରୁଥିବା ଟ୍ରକ୍ ଗୁଡ଼ିକରେ ଭିଟିଏସ୍ ବ୍ୟବହାର ବାଧ୍ୟତାମୂଳକ ହେବ । ଚାଷୀମାନେ ନିଜ ସମସ୍ୟା ଜଣାଇବା ପାଇଁ ଟୋଲ୍ ଫ୍ରି ନମ୍ବର୍ ୧୯୬୭ ବ୍ୟବହାର କରିପାରିବେ । ଧାନ କ୍ରୟ କାର୍ଯ୍ୟକ୍ରମ ମେ' ୧୫ରୁ ଆରମ୍ଭ ହେବ । ବିଗତ ବର୍ଷ ଭଳି ପ୍ୟାକ୍ସ, ଲ୍ୟାମ୍ପ୍ ଓ ମହିଳା ଏସ୍‌ଏଚ୍‌ଜିମାନେ ମଣ୍ଡି ପରିଚାଳନା କରିବେ ଏବଂ ପ୍ରତି କ୍ୱିଣ୍ଟାଲ୍ ପାଇଁ ନିର୍ଦ୍ଦିଷ୍ଟ ଧନରାଶି ଯୋଗାଇ ଦିଆଯିବ ।

## ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

**ଖଇରା,୨୮।୪/ଏନ୍‌ଏନ୍‌ଏସ୍‌:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅନ୍ତରା ପଞ୍ଚାୟତ ଅନ୍ତର୍ଗତ ଓସଙ୍ଗ ଗାଁରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଉମାକାନ୍ତ ଶୁକ୍ଳଙ୍କ ୪ ବଖରା ପୋଡ଼ି ପାଉଁଶ ହୋଇଯାଇଛି ।

ନଷ୍ଟ ହୋଇଥିବା ସମ୍ପତ୍ତିର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନଥିବାବେଳେ ଖବରପାଇ ଅଡ଼ା ଦମକଳ କେନ୍ଦ୍ରର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ଯୁଗ୍ମ ଜନଶୁଣାଣି ଶିବିର

**ବାହାନଗା,୨୮।୪/ଏନ୍‌ଏନ୍‌ଏସ୍‌:** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍‌ରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ସିଡିଏମ୍‌ଓ ଡାକ୍ତର ଅମୂଲ୍ୟ କୁମାର ଦାସ ଓ ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସାଧାରଣ ଲୋକମାନେ ନିଜର ବିଭିନ୍ନ ସମସ୍ୟା, ଅଭିଯୋଗ ଓ ଅନୁରୋଧ ସିଧାସଳଖ ଉପସ୍ଥାପନ କରିଥିଲେ । ମୁଖ୍ୟତଃ ସରକାରୀ ଯୋଜନାର ଲାଭ ନମିଳିବା, ଦୀର୍ଘଦିନ ଧରି କାମ ଅପୂର୍ଣ୍ଣ ରହିବା, ଜମି ସମସ୍ୟା, ପେନସନ୍, ରାସନ କାର୍ଡ, ଆବାସ, ଜଳ, ପରିମଳ, କୃଷି ସମ୍ବନ୍ଧୀୟ ଯୋଜନା ଓ ପୁଲିସ୍ ଅବହେଳା ଆଦି ଅଭିଯୋଗ ଏହି ଜନଶୁଣାଣିରେ ଉଠିଥିଲା । ଏଥିରେ ମୋଟ୍ ୧୫୨ଟି ଅଭିଯୋଗ ହୋଇଥିଲା । ଏହି ସମୟରେ ରାଜସ୍ୱ ଗ୍ରାମୀଣ ବିକାଶ, ପାନୀୟଜଳ, ବିଦ୍ୟୁତ୍, ସମାଜ କଲ୍ୟାଣ, ଖାଦ୍ୟ ଓ ଯୋଗାଣ ବିଭାଗ ସହିତ ପୁଲିସ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଜନଶୁଣାଣି ମାଧ୍ୟମରେ ଲୋକଙ୍କ ସମସ୍ୟାର ତୁରନ୍ତ ଓ ଖୁବ୍‌ଶୀଘ୍ର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି ।

## ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୋର,୨୮।୪/ଏନ୍‌ଏନ୍‌ଏସ୍‌: ସୋର ଥାନା ମହୁମୁହାଣ ପଞ୍ଚାୟତ ଗୋପାଳପୁର ଗ୍ରାମରେ ଏକ ବେଲ ଗଛରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ସୋର ପୁଲିସ୍ ଉଦ୍ଧାର କରିଛି । ମୃତକ ଜଣକ ହେଲେ ଭଗବାନ ନାୟକ(୫୫) । ଭଗବାନ ସୋମବାର ରାତିରେ ଖାଇବା ପରେ ଘର ବାହାରକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରିନଥିଲେ । ମାତ୍ର ମଙ୍ଗଳବାର ସକାଳେ ଘର ନିକଟ ବିଲରେ ଥିବା ଏକ ବେଲ ଗଛରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକ ଏବଂ ସୋର ପୁଲିସ୍‌କୁ ଖବର ଦେଇଥିଲେ । ଖବରପାଇ ସୋର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ସୋର ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଥିଲା । ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

**ସୋର,୨୮।୪/ଏନ୍‌ଏନ୍‌ଏସ୍‌:** କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋର ସଙ୍କୁଳ ଅଧିନସ୍ଥ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳ ଉଦ୍‌ଘାଟିତ ହୋଇଯାଇଛି । ଅବସରପ୍ରାପ୍ତ ବିଇଡି କଲେଜ ଅଧ୍ୟକ୍ଷ ତଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସୋର ସଭାପତି ଡ଼ଃ ଭାଗୀରଥୀ ସାହୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସୋର ସଙ୍କୁଳ ପ୍ରମୁଖ ତଥା ଅବସରପ୍ରାପ୍ତ ପ୍ରଧାନଆଚାର୍ଯ୍ୟ ଅଶୋକ ରଞ୍ଜନ ପଲେଇ ସଭାପତି ଭୂମିକା ନିର୍ବାହ କରିଥିଲେ । ଶ୍ରୀ ପଲେଇ ଜାତୀୟ ଶିକ୍ଷାନୀତି ଏନ୍‌ଇପି ୨୦୨୦ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଗଡ଼ସଙ୍ଗ କଲେଜର ଗଣିତ ପ୍ରାଧ୍ୟାପକ ମନୀନ୍ଦ୍ର



କୁମାର ଦୀକ୍ଷିତ ଜାତୀୟ ଶିକ୍ଷାନୀତି ଏନ୍‌ଇପି ୨୦୨୦ର ଉଦ୍ଦେଶ୍ୟ ଏବଂ କ୍ରିୟା ଉନ୍ନୟନ ସମ୍ପର୍କରେ ସମ୍ୟକ୍ ମତାମତ ଦେଇଥିଲେ । ସୋର ସଙ୍କୁଳ ସଂଯୋଜକ ତଥା ପ୍ରଧାନଆଚାର୍ଯ୍ୟ ଖଗେଶ୍ୱର ସ୍ୱାଇଁ ଉକ୍ତ କାର୍ଯ୍ୟଶାଳାର ଆଭିମୁଖ୍ୟ କଥନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୋର ସଙ୍କୁଳ ଅଧୀନସ୍ଥ ୧୩ଟି ଶିଶୁ ମନ୍ଦିରର ଆଚାର୍ଯ୍ୟ ଆଚାର୍ଯ୍ୟା ଯୋଗ ଦେଇଥିଲେ । ମାର୍କୋଣା ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

ମଧୁସୂଦନ ଦାସଙ୍କ ଜୟନ୍ତୀ

# 'ଓଡ଼ିଆ ଭାଷାକୁ ଅକ୍ଷୁଣ୍ଣ ରଖିଲେ ମଧୁବାବୁଙ୍କ ପ୍ରତି ଉଚିତ୍ ସମ୍ମାନ ହେବ'

**ସୋର,୨୮।୪/ଏନ୍‌ଏନ୍‌ଏସ୍‌:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍କଳ ସମ୍ମିଳନୀ ସୋର ଶାଖା ପକ୍ଷରୁ ପାଳନ କରାଯାଇଛି । ଶାଖାର ବରିଷ୍ଠ ଉପସଭାପତି ମାୟାଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀରେ ସମ୍ପାଦକ ଶିକ୍ଷାବିତ୍ କୃତିବାସ ବେଜ୍ ମଞ୍ଚ ଆବାହନ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ନାଗରିକ ମଞ୍ଚର ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ କୁଳବୃଦ୍ଧଙ୍କ ଅଦମ୍ୟ ଜାତିପ୍ରେମ ଯୋଗୁ ଖଣ୍ଡ ବିଖଣ୍ଡିତ କଳିଙ୍ଗ ରାଜ୍ୟକୁ ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ମଧୁସୂଦନ ଦାସ ୧୮୦୩ରେ ଉତ୍କଳ ସମ୍ମିଳନୀ ଗଠନ କରିବା ଉପରେ ସମ୍ୟକ୍ ସୂଚନା ଦେଇଥିଲେ । ଶାଖାର ସଦସ୍ୟ ଶିକ୍ଷାବିତ୍ ଶ୍ରୀଧର ପ୍ରସାଦ ବେହେରା କହିଥିଲେ ଯେ ଓଡ଼ିଶାର ସଂସ୍କୃତି, କଳା, ଭାସ୍କର୍ଯ୍ୟ ଓ ସ୍ୱାଭିମାନକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରାଇବାରେ ମଧୁବାବୁଙ୍କ ଜାତୀୟତାବାଦ ଅତୁଳନୀୟ । ସବୁଥିରେ ପ୍ରଥମ ତଥା ଜଣେ ଆଦର୍ଶ ଜନନାୟକ ଭାବେ ସେ ଉଚିତ୍ ସମ୍ମାନର ଅଧିକାରୀ । ଓଡ଼ିଶା ମାଟି ତାଙ୍କୁ ସେଇ ମର୍ଯ୍ୟାଦା ଅଦ୍ୟାବଧି ଦେଇପାରିନାହିଁ । ଅବସରପ୍ରାପ୍ତ ଶିକ୍ଷକ ଶାଖାର ସଦସ୍ୟ ସୁରେନ୍ଦ୍ର




ବେହେରା, ବାସୁ କୃଷ୍ଣ ମହାପାତ୍ର, ଗଙ୍ଗାଧର ପାଢ଼ୀ, ପ୍ରଫୁଲ୍ଲ ଚନ୍ଦ୍ର ଷଡ଼ଙ୍ଗୀ ଓ ଶାଖା ଉପସଭାପତି ମିନତୀ କର ପ୍ରମୁଖ ଓଡ଼ିଆ ଭାଷାକୁ ଅକ୍ଷୁଣ୍ଣ ରଖିବା ପାଇଁ ନିଷ୍ଠାର ସହ ଶିକ୍ଷିତ ଶ୍ରେଣୀ ପ୍ରତିବଦ୍ଧତା ରଖିଥିଲେ ଓଡ଼ିଆ ଭାଷା ସମୃଦ୍ଧ ହେବାସହ ମଧୁବାବୁଙ୍କ ପ୍ରତି ଉପଯୁକ୍ତ ସମ୍ମାନ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ମହାନ୍ତି, ଭଗବାନ ମହାପାତ୍ର, ପ୍ରଶାନ୍ତ ଦାସ, ଖଗେନ୍ଦ୍ର ପ୍ରଧାନ ଓ ଅର୍ଣ୍ଣପୂର୍ଣ୍ଣା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଗୀତାଞ୍ଜଳି ଲେଙ୍କା ଧନ୍ୟବାଦ ଦେଇଥିଲେ ।




**ବାଲେଶ୍ୱର:** ବିଜେଡି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସଙ୍କ ତତ୍ତ୍ୱାବଧାନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବାଲେଶ୍ୱର କଚେରୀ ହୋତାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ କରିଯିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା । ମଧୁସୂଦନ ଦାସ ଓଡ଼ିଶାର ସ୍ୱାଭିମାନ ଓ ନବନିର୍ମାଣର ମୁଖ୍ୟ ସୂତ୍ରଧର ଥିଲେ । ତାଙ୍କ ଆଦର୍ଶ ଓ ସଂଗ୍ରାମ ଆମ ସମସ୍ତଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇରହିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ମୁଖପାତ୍ର ଡ଼ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗରିଶ ଚନ୍ଦ୍ର ଦାଶ, ବରିଷ୍ଠ ବିଜେଡି ନେତା ରଞ୍ଜନ ବାଗ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ଟାଉନ୍ ବିଜେଡି ସଭାପତି ମନୋଜ ରାଉତ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, କାଉନସିଲର୍ ମୀନା ମହାନ୍ତି, ମୀତା ପଟ୍ଟ ନାୟକ, ସଂଧ୍ୟାରାଣୀ ଜେନା, ଶଶିରେଖା ମହାନ୍ତି, ରାଜଲକ୍ଷ୍ମୀ ଚାଟାର୍ଜୀ, କାର୍ତ୍ତିକ ସାହୁ, ବିଜେଡି ନେତା ରିତିକ ଜୀ, ପୂର୍ବତନ କାଉନସିଲର୍ ବିଶ୍ୱଜିତ ମହାପାତ୍ର, ରମେଶ ମାଝୀ, ସଞ୍ଜୟ ବେହେରା, ନଳିନୀକାନ୍ତ ଦାସ, ଦେବାଶିଷ ଦାଶ, ଅଶୋକ ଆଢ଼୍ୟ, ଅତୁଲ ଶତପଥୀ, ସେକ୍ ଅନସର୍, ଅଶୋକ ଦାସ, ପୂର୍ବତନ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବିଭୁଦତ୍ତ ପରିଡ଼ା, ତପନ ଦାସ, ବିକାଶ ବେହେରା, ସୌଭାଗ୍ୟ ଖୁଣ୍ଟିଆ ଓ ହର୍ଷ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

ଜନଆକ୍ରୋଶ ସମାବେଶ

## ଗର୍ଜିଲା ବିଜେପି ମହିଳା ମୋର୍ଚ୍ଚା




**ଧାମନଗର,୨୮।୪/ଏନ୍‌ଏନ୍‌ଏସ୍‌:** ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ କାଟ ଖାଇବା ନେଇ ବିଜେପି ମହିଳା ମୋର୍ଚ୍ଚା ବିରୋଧୀ ଦଳଙ୍କୁ ଟାର୍ଗେଟ୍ କରିଛି । ଏହିକ୍ରମେ ଧାମନଗର ବ୍ଲକ୍ ଶହୀଦ ମଣ୍ଡଳ ବିଜେପି ପକ୍ଷରୁ ସହିଦ ନଗରରେ ଏକ ବିଶାଳ ଜନଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସହସ୍ରାଧିକ ମହିଳା କଳା ପଟି ବାନ୍ଧି ପର୍ଯ୍ୟଟକ ସୁବିଧା କେନ୍ଦ୍ର ନିକଟରୁ ଏକ ଶୋଭାଯାତ୍ରାରେ ନାରାବାଜି ସହିତ ସହିଦ ନଗରସ୍ଥ କାଳୀ ପଡ଼ିଆରେ ପହଞ୍ଚିଥିଲେ । ଶହୀଦ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରାକ୍ତନ ଜିଲ୍ଲାପରିଷଦ ଉମାମଣି ସାହୁଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ନେତ୍ରୀ ପ୍ରାକ୍ତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ରଞ୍ଜିତା ସ୍ୱାଇଁ, ଅସୁରାଳି ସରପଞ୍ଚ ମିନତୀ ସାହୁ, ଖପରପଦା ସରପଞ୍ଚ ଅନୁସୂୟା ସାହୁ, ସମିତିସଭ୍ୟା ପାର୍ବତୀ ପ୍ରଧାନ ଓ ପ୍ରାକ୍ତନ ସରପଞ୍ଚ ଅଞ୍ଜନା ଲେଙ୍କା ପ୍ରମୁଖ ମହିଳାଙ୍କ ଉତ୍‌ଥାନ ସାମାଜିକ ଓ ରାଜନୈତିକ ଅଭିବୃଦ୍ଧି ଆଦି କ୍ଷେତ୍ରରେ ବିରୋଧୀ କଂଗ୍ରେସ ଏବଂ ବିଜେଡିର ଆଭିମୁଖ୍ୟ ପଦାରେ ପଡ଼ିଛି ବୋଲି ଆରୋପ ଆଣି ମାତୃଜାତି ପ୍ରତି ଏମାନଙ୍କ ବୈମାତୃକଭାବ ନେଇ ଗର୍ଜିଥିଲେ । ଏଥିରେ ବରିଷ୍ଠ ବିଜେପି ନେତା ଅଶୋକ କୁମାର ପୁହାଣ, ମନୋରଞ୍ଜନ ମଲ୍ଲିକ, ରଘୁନାଥ ଲେଙ୍କା, ଚତୁର୍ଭୁଜ ନାୟକ, ଅଜୟ ବଳ, ଅରବିନ୍ଦ ପତି, ବୈକୁଣ୍ଠ ନାଥ ସାହୁ, ରାଜେନ୍ଦ୍ର କୁମାର ସାହୁ, ଶ୍ରୀକାନ୍ତ ନାୟକ, ପ୍ରଶାନ୍ତ ନାୟକ, ସରୋଜ ସ୍ୱାଇଁ, ଗୟାଧର ନାୟକ, ରମାକାନ୍ତ ସାହୁ, ସୂରଜ ସାହୁ, ରଜତ ଲେଙ୍କା, ମାନସ ଜେନା, ସନ୍ତୋଷ ନାୟକ, ସନ୍ତୋଷ ସାହୁ ଓ ସଞ୍ଜୟ ମଳିକ ପ୍ରମୁଖ ଉପସ୍ଥିତ ଥିଲେ । ନାରୀନେତ୍ରୀ ନିବେଦିତା ନାୟକ ଧନ୍ୟବାଦ ଦେଇଥିଲେ ।

